To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

**ଖବର ଏବେ ଏବେ**

ଇରାକ୍‌ରେ ଆଇଏସ୍ ମୂଳପୋଛ । ଶେଷ ଗଡ଼କୁ ଧ୍ୱଂସ କଲା ସେନା ।



R.N.I. No.-42041/83 Vol-16, Issue No.137, ଭଦ୍ରକ, ଶନିବାର, ୧୮, ନଭେମ୍ବର ୨୦୧୭ ■ Bhadrak, Saturday, 18 November 2017 Rs. 2.00 Pages-8

# ଦୁଇଜଣଙ୍କୁ ଗଳାକାଟି ହତ୍ୟା



ମାଲକାନଗିରି, ୧୭।୧୧ (ସକାଳ ଖବର) : ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଭେଙ୍କଟପାଲମ ଗ୍ରାମର ଦୁଇଜଣ ଲୋକଙ୍କୁ ଗଳାକାଟି ଗ୍ରାମ ଠାରୁ ୪ କି.ମି. ଦୂର ଏମ.ଭି. ୭୪ ନିକଟସ୍ଥ କେନାଲ ଠାରେ ହତ୍ୟା କରାଯାଇଥିବା ଦେଖିବାକୁ ମିଳିଛି । ଏହି ହତ୍ୟାକାଣ୍ଡ ପଛରେ ମାଓବାଦୀଙ୍କ ସମ୍ପୃକ୍ତି ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ଘଟଣାସ୍ଥଳରେ କାଲିମେଳା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଭେଙ୍କଟପାଲମ ଗ୍ରାମର ଭି. ଭେଙ୍କଟ ରାଓ(୫୦) ଓ ଲଛମୟା କୁରାମି(୪୫) ଉଭୟ ମିଶି କାଲିମେଳା ଠାରେ ଗୁରୁବାର ଚାଲିଥିବା ହାଟକୁ ଯାଇ ସେଠାରୁ କୁକୁଡ଼ା ଲଢ଼େଇ ଖେଳିବାକୁ ଯାଇଥିଲେ । କୁକୁଡ଼ା ଲଢ଼େଇରେ ଟଙ୍କା ଜିତିବା ପରେ ଉଭୟ ଚାଲି ଚାଲି ଘରକୁ ଫେରୁଥିବା ବେଳେ କେହି ଦୁର୍ବୃତ ଟଙ୍କା ଲୁଟ୍ କରିବାକୁ ହେଉ କିମ୍ୱା ପୂର୍ବ ଶତୃତା କାରଣରୁ ଏମ.ଭି.୭୪ କେନାଲ ନିକଟରେ ଗଳାକାଟି ହତ୍ୟା କରି ଫେରାର୍ ହୋଇଯାଇଥିଲା । ରାତିରେ ଲଛମୟା ଓ ଭେଙ୍କଟ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ । କିନ୍ତୁ ଉଭୟଙ୍କ ସନ୍ଧାନ ପାଇନଥିଲେ । ଆଜି କେନାଲ ଉପରେ ଦୁଇଟି ରକ୍ତ ଜୁଡୁବୁଡୁ ଶବ ପଡିଥିବା ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ ଖବର ପାଇ ପରିବାର ଲୋକେ ସେଠାରେ ପହଂଚି ଶବ ଚିହ୍ନଟ କରିବା ସହ ପୋଲିସକୁ ଖବର ଦେଇଥିଲେ ।

**ଇତିଶ୍ରୀ ପ୍ରଧାନ ହତ୍ୟା ମାମଲା**

## ସୁପ୍ରିମକୋର୍ଟରେ ବନ୍ଦ ଲଫାପାରେ ରିପୋର୍ଟ ଦେଲା ସିବିଆଇ

ଭୁବନେଶ୍ୱର, ୧୭।୧୧ (ସକାଳ ଖବର) : ରାୟଗଡା ଜିଲ୍ଲାର ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ହତ୍ୟା ମାମଲାରେ ସିବିଆଇ ସୁପ୍ରିମକୋର୍ଟରେ ତଦନ୍ତ ରିପୋର୍ଟ ଦାଖଲ କରିଛି । ଶୁକ୍ରବାର ଦିନ ସିବିଆଇ ପକ୍ଷରୁ ବନ୍ଦ ଲଫାପାରେ ରିପୋର୍ଟ ଦାଖଲ କରାଯାଇଛି । ଆସନ୍ତା ୨୦୧୮ ଫେବୃଆରୀରେ ମାମଲାର ପରବର୍ତୀ ଶୁଣାଣୀ ହେବ ବୋଲି କୋର୍ଟଙ୍କ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ଗତ ୨୦୧୩ ରେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ସ୍କୁଲରେ ଠିକା ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଥିବା ଇତିଶ୍ରୀଙ୍କୁ କିରୋସିନ ଢାଳି ପୋଡି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଏହା ପୂର୍ବରୁ ସ୍କୁଲର ପ୍ରଧାନ ଶିକ୍ଷକ ତାଙ୍କୁ ନିର୍ଯ୍ୟାତନା ଦେଉଥିବା ଇତିଶ୍ରୀ ଅଭିଯୋଗ ଆଣିଥିଲେ । ଏହି ଘଟଣାର ସିବିଆଇ ତଦନ୍ତ କରିବା ପାଇଁ ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଗତବର୍ଷ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ଦଣ୍ଡସେନାଙ୍କୁ ହତ୍ୟା ଷଡଯନ୍ତ୍ର ଅଭିଯୋଗରେ ଆଜୀବନ କାରାଦଣ୍ଡ ଦିଆଯାଇଥିଲା ।

# ଧରାହେଲେ ବିଦେଶୀ ଝିଅ

- ସ୍ପା ନାମରେ ସେକ୍ସ ର୍ୟାକେଟ୍
- ୩ ବିଦେଶିନୀଙ୍କ ସମେତ ୫ ଯୁବତୀ ଉଦ୍ଧାର , ୨ ଗିରଫ
- ୫/୬ ମାସ ଧରି ଏଠାରେ ସ୍ପା ସେଣ୍ଟର ଚାଲିଥିଲା
- ୨୦ଟି ମୋବାଇଲ ସହ ଲାପଟପ୍ ଏବଂ ୩ଟି ପାସପାର୍ଟ ଜବତ



ଭୁବନେଶ୍ୱର,୧୭।୧୧ (ସକାଳ ଖବର) : ରାଜଧାନୀର ଖାରବେଳ ନଗର ଠାରେ ସେକ୍ସ ର୍ୟାକେଟ୍ ଠାବ ହୋଇଛି । ସ୍ପା ନାମରେ ସେକ୍ସ ର୍ୟାକେଟ୍ ଚାଲିଥିବା ବେଳେ ଖାରବେଳ ନଗର ପୋଲିସ୍ ଚଢାଉ କରିଥିଲା। ସେଠାରୁ ପୋଲିସ୍ ୫ ଜଣ ଯୁବତୀଙ୍କୁ ଉଦ୍ଧାର କରିବା ସହ ୨ ଜଣ ଗ୍ରାହକଙ୍କୁ ଗିରଫ ରଖିଛି। ଉଦ୍ଧାର ଯୁବତୀଙ୍କ ମଧ୍ୟରେ ୩ ଜଣ ଥାଇଲାଣ୍ଡର ହୋଇଥିବା ଜଣାପଡିଛି । ବିଶିଷ୍ଟ ଶିଳ୍ପପତିଙ୍କ ଘର ଭଡା ନେଇ ଏହି ଦେହ ବ୍ୟବସାୟ ଚାଲିଥିଲା । ପୋଲିସ୍ ଘଟଣାସ୍ଥଳରୁ ୨୦ଟି (ପୃଷ୍ଠା-୭)

# ଆହୁରି ୧୨ ଘଣ୍ଟା ବର୍ଷା

ଭୁବନେଶ୍ୱର,୧୭।୧୧ (ସକାଳ ଖବର) : ଆସନ୍ତା ୪୮ ଘଂଟା ମଧ୍ୟରେ ରାଜ୍ୟରେ ପାଗ ସ୍ୱାଭାବିକ ହେବ । ଆହୁରି ୧୨ ଘଂଟା ବର୍ଷା ଲାଗି ରହିପାରେ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେବା ପରେ ଉତର ଓଡିଶା ଦେଇ ଗତି କରୁଛି । ଏହା ଗୋପାଳପୁର ଠାରୁ ୧୧୦ କିମି ଏବଂ ପାରାଦ୍ୱୀପ ଠାରୁ ୧୯୦ କିମି ଦୂରରେ ରହିଛି । ଏହାର ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ବର୍ଷା ସହ ପାଗ ମେଘୁଆ ରହିବ। ବର୍ତମାନ ସୁଦ୍ଧା ଲଘୁଚାପ ପ୍ରଭାବରେ କଟକ , ପୁରୀ , ଖୋର୍ଦ୍ଧା ଏବଂ ନୟାଗଡ ରେ ବର୍ଷା ଲାଗିରହିଛି। ଗତ ୨୪ ଘଂଟା ମଧ୍ୟରେ ସର୍ବାଧିକ ୪୬ ମି.ମି ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

# ଧାନର ଏମ୍‌ଏସ୍‌ପି ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ବିଧାନସଭା ଗୃହ କମିଟି

ଭୁବନେଶ୍ୱର,୧୭।୧୧ (ସକାଳ ଖବର) : ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ଓଡିଶା ବିଧାନସଭା ଗୃହ କମିଟି ନିଷ୍ପତି ନେଇଛି । ଯଦି ପ୍ରଧାନମନ୍ତ୍ରୀ ଭେଟିବା ପାଇଁ ସମୟ

### ସମୟ ନମିଳିଲେ କାର୍ଯ୍ୟାଳୟ ଆଗରେ ଧାରଣା : ତାରା

ନଦିଅନ୍ତି ତେବେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କଂଗ୍ରେସ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସମୟ ନଦେଲେ ବିଧାନସଭାରେ ପରବର୍ତୀ ନିଷ୍ପତି ନିଆଯିବ ବୋଲି ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର କହିଛନ୍ତି । ଶୁକ୍ରବାର ଅପରାହ୍ନରେ ବାଚସ୍ପତି ଶ୍ରୀ ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଧାନର ସହାୟକ ମୂଲ୍ୟ ବୃଦ୍ଧି ଜନିତ ଗୃହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷିମନ୍ତ୍ରୀ ଡା. ଦାମୋଦର ରାଉତ , ପଂଚାୟତରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉପସ୍ଥିତ ଥିଲେ । ଏହା ବ୍ୟତୀତ ବିଜେଡି , କଂଗ୍ରେସ ଏବଂ ବିଜେପିର ବିଧାୟକ ମାନେ ମଧ୍ୟ ଉପସ୍ଥିତ ଥିଲେ । ବୈଠକ ପରେ କୃଷି ମନ୍ତ୍ରୀ ଡା. ରାଉତ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ଆଜିର ବୈଠକର ନିଷ୍ପତି ଅନୁଯାୟୀ ଆସନ୍ତା ୨୮ ତାରିଖ ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଯିବ । ଏହି ସମୟରେ କମିଟି ଧାନର ସହାୟକ ମୂଲ୍ୟ ବୃଦ୍ଧି ନେଇ ଦାବି କରିବ । ଏଥିପାଇଁ ବାଚସ୍ପତି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖି ସମୟ ମାଗିବେ । ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ସମୟ ମଗାଯାଇଥିଲେ ହେଁ ସେ କମିଟିକୁ ଭେଟିବା ପାଇଁ ସମୟ ଦେଇନଥିଲେ ।

**ମହାନଦୀ ଜଳ ବିବାଦ**



# ଟ୍ରିବ୍ୟୁନାଲ ଗଠନ ପାଇଁ ପୁଣି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୧୭।୧୧ (ସକାଳ ଖବର) : ମହାନଦୀ ଜଳ ଆବଂଟନକୁ ନେଇ ଓଡିଶା ଓ ଛତିଶଗଡ ମଧ୍ୟରେ ଦେଖା ଦେଇଥିବା ବିବାଦର ସମାଧାନ ପାଇଁ ଜଳ ଟ୍ରିବ୍ୟୁନାଲ ଗଠନ କରିବା ପାଇଁ ବାରମ୍ବାର ଚିଠି ଲେଖିଥିଲେ ହେଁ କୌଣସି ପଦକ୍ଷେପ ଗହଣ କରାଯାଇ ନାହିଁ। ନିୟମ ଅନୁଯାୟୀ ଆବେଦନର ବର୍ଷକ ମଧ୍ୟରେ ଟ୍ରିବ୍ୟୁନାଲ ଗଠନ କରାଯିବା କଥା । ଏହାର ଅବଧି ଆସନ୍ତା ୧୯ ତାରିଖରେ ଶେଷ ହେଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ଗ୍ରହଣ (ପୃଷ୍ଠା-୭)

# କୋରାପୁଟରେ ନିର୍ମାଣ ହେବ ୭ଟି ଭୂତଳ ବ୍ରିଜ

ଭୁବନେଶ୍ୱର, ୧୭।୧୧ (ସକାଳ ଖବର) : କୋରାପୁଟ ଜିଲ୍ଲାରେ ୭ ଟି ଭୂତଳ ବ୍ରିଜ୍ ନିର୍ମାଣ କରିବା ପାଇଁ ପୂର୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କୋରାପୁଟ ଜିଲ୍ଲା ଜନସାଧାରଣଙ୍କ ଦୀର୍ଘଦିନର ଗମନାଗମନ ଜନିତ ଅସୁବିଧା ଦୂର କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବେଳେ ଏହା ପ୍ରତି ଗୁରୁତ୍ୱ ଦେଇ ସରକାର ୨୮ ଅକ୍ଟୋବର ୨୦୧୭ରେ ଅନୁଷ୍ଠିତ ଜିଲ୍ଲାପାଳ ସମ୍ମିଳନୀରେ କୋରାପୁଟ ଜିଲ୍ଲାପାଳଙ୍କ ଦାବି ସଂପର୍କରେ ବିଶଦ ଭାବରେ ଆଲୋଚନା କରିବା ପରେ ସରକାର ନନ୍ଦପୁର ଓ ନମତାପୁଟ ବ୍ଲକ୍ ଅନ୍ତର୍ଗତ ଭେଜା-ମାଛକୁଣ୍ଡ ରୋଡ୍( ୧୫୪/୫-୬), ଭେଜା-ମାଛକୁଣ୍ଡ ରୋଡ୍( ୧୫୬/୭-୮), ପାଡୁଆ- ଭେଜା( ୧୩୫/୧୩୪/୩୦), ସୁକୁ-କୋରାପୁଟ( ୧୭୯/୨୨-୨୩), ମାଛକୁଣ୍ଡ ରୋଡ୍- (ପୃଷ୍ଠା-୭)

# ଭାରତ ମହାସାଗରରେ ସ୍ଥିତି ଦୃଢ଼ କରିବ ଭାରତ

ନୂଆଦିଲ୍ଲୀ, ୧୭।୧୧: ଭାରତ ମହାସାଗରରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ଫ୍ରାନ୍ସ ଓ ଭାରତ ମିଳିମିଶି କାର୍ଯ୍ୟ କରିବେ । ଦୁଇ ଦେଶ ଏହି ଇଲାକାରେ ବଢ଼ୁଥିବା ଚୀନର ପ୍ରାଧାନ୍ୟକୁ ରୋକିବା ପାଇଁ ଏକାଠି କାମ କରିବେ । ନିକଟରେ ଭାରତ ମହାସାଗରରେ ସହଭାଗିତାରେ କାମ କରିବା ନେଇ ଭାରତକୁ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆର ମଧ ସମର୍ଥନ ମିଳିଛି । ଫ୍ରାନ୍ସ ବିଦେଶ ମନ୍ତ୍ରୀ ଶୁକ୍ରବାର ବିଦେଶ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ଏନେଇ ଆଲୋଚନା କରିଛନ୍ତି । ଭାରତ ମହାସାଗରରେ ଚୀନର ବଢ଼ୁଥିବା ଶକ୍ତିକୁ ରୋକିବା ଏବଂ ନିଜର ସ୍ଥିତି ମଜଭୁତ କରିବା ଓ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ନେଇ ଆଜି ଭାରତ ଓ ଫ୍ରାନ୍ସ ମଧ୍ୟରେ ଆଲୋଚନା ହୋଇଛି । ଏହି ସହଯୋଗର ମୁଖ୍ୟ ଉଦ୍ଦେଶ୍ୟ ସମୁଦ୍ରରେ ଅବାଧ ବ୍ୟବସାୟ ଏବଂ ଯାତାୟାତରେ ସୁରକ୍ଷା ସୁନିର୍ଶ୍ଚିତ କରିବା । ଫ୍ରାନ୍ସର ବିଦେଶ ମନ୍ତ୍ରୀ କହିଛନ୍ତି ଯେ ୧୯୮୯ରୁ ଭାରତ ସହ ଜାରି ରଣନୀତି ସହଯୋଗକୁ ଅଧିକ ମଜଭୁତ କରିବାକୁ ଚାହୁଁଛୁ । ଆତଙ୍କବାଦ ଲଢ଼େଇ ଏବଂ ଭାରତ ମହାସାଗରରେ ସହଯୋଗ ବୃଦ୍ଧି କରିବା ନେଇ ଦୁଇ ଦେଶ କାମ କରିବେ ବୋଲି ସେ କହିଛନ୍ତି ।

# ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଲୋକଭିମୁଖୀ କରିବାକୁ ଗୁରୁତ୍ୱାରୋପ



### ତହସିଲ କାର୍ଯ୍ୟାଳୟରେ ସିସିଟିଭି ଓ ବାୟୋମେଟ୍ରିକ୍ସ ସ୍ଥାପନ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୧୧ (ସକାଳ ଖବର) : ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଲୋକଭିମୁଖୀ କରିବା ସହିତ ସର୍ବସାଧାରଣ ପ୍ରସଙ୍ଗଜଡ଼ିତ ସେବାଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଗାଇଦେବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତି ଗୁରୁତ୍ୱରୋପ କରିଛନ୍ତି । ଶୁକ୍ରବାର ସଚିବାଳୟଠାରେ ଅତିରିକ୍ତ ଜିଲ୍ଲାପାଳମାନଙ୍କ ସମ୍ମିଳନୀରେ ଅଧକ୍ଷତା କରିବା (ପୃଷ୍ଠା-୭)

# କାଳିଆର ଅବସ୍ଥା ସ୍ଥିର

**ଫିଡସ୍ ପାଇଁ ଦିଆଯାଉଛି ମେଡିସିନ୍**



ଭୁବନେଶ୍ୱର, ୧୭।୧୧ (ସକାଳ ଖବର) : କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆ ଅସ୍ତ୍ରୋପଚାର ମାଧ୍ୟମରେ ଅଲଗା ହେବା ପର ଜଗାର ସ୍ୱାସ୍ଥ୍ୟ ଅବସ୍ଥାରେ ଦୃତ ଉନ୍ନତି ଘଟୁଛି । ସେ ନିଜେ ଖାଇ ପାରୁଛି ଏବଂ ଖେଳୁଛି ମଧ୍ୟ । ତେବେ କାଳିଆର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କାଳିଆକୁ ବାରମ୍ବାର ଫିଡସ୍ ପଡୁଛି । ଏଥିପାଇଁ ତାକୁ ମେଡିସିନ୍ ଦିଆଯାଉଛି । ମେଡିସିନ୍ ପ୍ରଭାବରେ କାଳିଆ ଶୋଇ ରହୁଛି । ଉଭୟଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ଭବିଷ୍ୟତରେ ମଧ୍ୟ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

**ଜଗାର ସ୍ୱାସ୍ଥ୍ୟ ଅବସ୍ଥାରେ ଦୃତ ଉନ୍ନତି**

### ଏନକାଉଣ୍ଟରରେ ୨ ମାଓବାଦୀ ମୃତ

ମାଲକାନଗିରି, ୧୭।୧୧ (ସକାଳ ଖବର) : ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ଦରନାପାଲ ଥାନା କନହାଇପାଡ ଠାରେ ଆଜି ସୁକୁମା ଜିଲ୍ଲା ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ମାଓବାଦୀ ପ୍ଲାଟୁନ କମାଣ୍ଡର ସୀତା ସୋଡି ଓ ଚିନ୍ତାଗୁପା ବାଟାଲିଆନ ସଦସ୍ୟ ସୋଡି ଲଖମାଙ୍କ ମୃତ୍ୟୁ ଘଟିଛି । ସୀତା ସୋଡିକୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ଏବଂ ସୋଡି ଲଖମାକୁ ଧରାଇଦେଲେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ପୂର୍ବରୁ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା ବୋଲି ସୁକୁମା ଏସପି ଅଭିଶେକ ମୀନା ସୂଚନା ଦେଇଛନ୍ତି ।



ତମ ଭିତରେ ହବାକୁ ଥିବା ମୋ ଗତିକୁ ତୁମେ ନିଜ ଗତି ମାନୁଛ । ସଂପୂର୍ଣ୍ଣ ବ୍ରହ୍ମାଣ୍ଡ ମୋ ଭିତରେ ରହିଥାଏ ଏବଂ ମୁଁ ତା ଭିତରେ ଭ୍ରମଣ କରେ ।



**ହୁଣ୍ଡିର ଆୟ (୧୭.୧୧.୧୭)**
**୧,୪୫,୩୭୧**

# ସି-ଡାକ୍ ଆଞ୍ଚଳିକ କେନ୍ଦ୍ର ସ୍ଥାପନା ଦାବି



**ରବିଶଙ୍କର ପ୍ରସାଦଙ୍କୁ ନବୀନଙ୍କ ଚିଠି**

ଭୁବନେଶ୍ୱର, ୧୭।୧୧ (ସକାଳ ଖବର) : ଭୁବନେଶ୍ୱରରେ ସି-ଡାକ୍ ଆଂଚଳିକ କେନ୍ଦ୍ର ସ୍ଥାପନା କରିବାକୁ କେନ୍ଦ୍ର ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ଦ୍ୱାରା ହାଇ ପରଫର୍ମାନ୍ସ କଂପ୍ୟୁଟିଂ ଓ ଡାଟା ଆନାଲିସିସ କ୍ଷେତ୍ରରେ ଅନୁସନ୍ଧାନ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଓଡିଶା ନିରନ୍ତର ପ୍ରଗତି କରୁଛି । ସୂଚନା ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ କ୍ଷେତ୍ରରେ ଅଧିକ ପୁଂଜି ନିବେଶକୁ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଭୁବନେଶ୍ୱର ନିକଟରେ ଏକ ଡେଡିକେଟେଡ ଇଲେକ୍ଟ୍ରୋନିକ ପାର୍କ ବିକଶିତ କରୁଛି। ରାଜ୍ୟରେ ଦୁଇଟି ଆଇଟି ସ୍ପେଶାଲ ଇକୋନୋମିକ ଜୋନ ରହିଛି ଓ ସମସ୍ତ (ପୃଷ୍ଠା-୭)

# ବିଶ୍ୱ ହକି ଲିଗ୍ ଫାଇନାଲ୍‌ରେ ୩ ଓଡ଼ିଆ



ଭୁବନେଶ୍ୱର, ୧୭।୧୧ (ସକାଳ ଖବର) : ବିଶ୍ୱହକି ଲିଗ ଫାଇନାଲ ଆଉ ୧୩ ଦିନ ପରେ ଆରମ୍ଭ ହେବ । ଏଠାରେ ଥିବା କଳିଙ୍ଗ ଷ୍ଟାଡିୟମରେ ଡିସେମ୍ବର ୧ରୁ ଆରମ୍ଭ ହୋଇ ଡିସେମ୍ବର ୧୦ରେ ଶେଷ ହେବ । ଏଥି ପାଇଁ ଘୋଷଣା ହୋଇଥିବା ଭାରତୀୟ ଟିମ୍‌ରେ ୩ଜଣ ଓଡ଼ିଆ ଖେଳାଳିଙ୍କୁ ସ୍ଥାନ ମିଳିଛି । ଟିମ୍‌ରେ ବୀରେନ୍ଦ୍ର ଲାକ୍ରା, ଦୀପସାନ ତିର୍କି ଓ ଅମିତ ରୋହିଦାସଙ୍କୁ ସ୍ଥାନ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ବର୍ଷ ୨୦୧୬ ରିଓ ଅଲମ୍ପିକ୍ସ (ପୃଷ୍ଠା-୭)

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**